# ବିଭକ୍ତି

**୭.୨ "ଲୋକମାନେ ଦେଶର ଉନ୍ନତି ପାଇଁ ନିଜର ସ୍ୱାର୍ଥକୁ ବଳିଦେବା ଉଚିତ ।"**

ଅନ୍ୟାନ୍ୟ ବାକ୍ୟପରି ଏହି ବାକ୍ୟଟି ମଧ୍ୟ କେତେଗୋଟି ପଦର ସମାହାର ଅଟେ । ଏଥିରେ 'ମାନେ' (ଲୋକମାନେ), ର (ଦେଶର, ନିଜର) 'ପାଇଁ' (ଉନ୍ନତି ପାଇଁ), 'କୁ' (ସ୍ୱାର୍ଥକୁ) ବ୍ୟବହାର କରାଯାଇ ବାକ୍ୟଟିକୁ ବିଭିନ୍ନ ପଦରେ ବିଭକ୍ତ କରାଯାଇଛି । ଏଗୁଡ଼ିକ ଦ୍ୱାରା ସଂଖ୍ୟା ଓ କାରକର ପ୍ରତୀତି ଘଟୁଅଛି । ଏଗୁଡ଼ିକ ଗୋଟିଏ ଗୋଟିଏ ବର୍ଣ୍ଣ ବା ଏକାଧିକ ବର୍ଣ୍ଣର ସମଷ୍ଟି ଅଟନ୍ତି । **ତେଣୁ ଯେଉଁ ବର୍ଣ୍ଣ ବା ବର୍ଣ୍ଣସମଷ୍ଟି ଦ୍ୱାରା ସଂଖ୍ୟା (ଏକବଚନ, ବହୁବଚନ) କାରକ (କର୍ତ୍ତା, କର୍ମ, କରଣ ପ୍ରଭୃତି ) ସୂଚିତ ହୁଏ ତାହାକୁ ବିଭକ୍ତି କୁହାଯାଏ** । ଯଥା – ପ୍ରଥମା ବିଭକ୍ତି, ଦ୍ୱିତୀୟା ବିଭକ୍ତି, ତୃତୀୟା ବିଭକ୍ତି ଇତ୍ୟାଦି । ବିଭକ୍ତି ଶବ୍ଦଟି ବି-ଉପସର୍ଗ 'ଭଜ୍' ଧାତୁ ଓ 'ତି' ପ୍ରତ୍ୟୟ ଯୋଗରେ ଗଠିତ, ଯାହାର ଆଭିଧାନିକ ଅର୍ଥ ହେଉଛି ବିଭାଗ ବା ବଣ୍ଟନ କରିବା।

**୭.୨.୧ :** ବିଭକ୍ତି ସାତ ଭାଗରେ ବିଭକ୍ତ, ଯଥା – ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ ବିଭକ୍ତି । ଓଡ଼ିଆ ଭାଷାରେ ପ୍ରଚଳିତ ବିଭିନ୍ନ କାରକରେ ବ୍ୟବହୃତ ବିଭକ୍ତି ଚିହ୍ନଗୁଡ଼ିକୁ ଏକବଚନ ଓ ବହୁବଚନ ଭେଦରେ ନିମ୍ନମତେ ପ୍ରଦର୍ଶନ କରାଯାଇଥାଏ । ଯଥା –

| କାରକ | ବିଭକ୍ତି | ଏକବଚନ ଚିହ୍ନ | ବହୁବଚନର ଚିହ୍ନ |
|---|---|---|---|
| କର୍ତ୍ତା | ପ୍ରଥମ | ଟି, ଟା, ଟେ, ଟାଏ, ଟିଏ | ଏ, ମାନ, ମାନେ, ଗୁଡ଼ିକ, ଗୁଡ଼ାକ |
| କର୍ମ | ଦ୍ୱିତୀୟା | କୁ, ଙ୍କୁ, କି, ଙ୍କି, ଠାକୁ | ଙ୍କୁ, ମାନଙ୍କୁ, ମାନଙ୍କଠାକୁ, ଗୁଡ଼ିକୁ, ଗୁଡାକୁ |
| କରଣ | ତୃତୀୟା | ଏ, ରେ, ଦ୍ୱାରା, ଦେହି, ଦେଇ, କର୍ତ୍ତୃକ | ମାନଙ୍କଦ୍ୱାରା, ମାନଙ୍କଦେଇ, ମାନଙ୍କ ଦେହି, ମାନଙ୍କ କର୍ତ୍ତୃକ |
| ସଂପ୍ରଦାନ | ଚତୁର୍ଥୀ | କୁ, ଙ୍କୁ, କି, ଙ୍କି, ପାଇଁ, ନିମିତ୍ତ, ସକାଶ | ଙ୍କୁ, ମାନଙ୍କୁ, ମାନଙ୍କ ପାଇଁ, ମାନଙ୍କ ନିମିତ୍ତ, ମାନଙ୍କ ସକାଶ |
| ଅପାଦାନ | ପଞ୍ଚମୀ | ରୁ, ଠାରୁ, ଉ, ଉଁ, ହୁଁ, ଠୁ, ଠୁଁ, ଠଉଁ, | ମାନଙ୍କରୁ, ମାନଙ୍କଠାରୁ,ମାନଙ୍କଠୁ, ମାନଙ୍କଠୁଁ, ମାନଙ୍କଠଉଁ, ଗୁଡ଼ିକରୁ, ଗୁଡ଼ାକରୁ |
| | ଷଷ୍ଠୀ | ର, ଙ୍କ, ଙ୍କର | ଙ୍କର, ମାନଙ୍କ, ମାନଙ୍କର, ଗୁଡ଼ିକର |
| ଅଧିକରଣ | ସପ୍ତମୀ | ଏ, ରେ, ଠାରେ, ଠାଇଁ, ଠି, ଠେଇଁ, ତହିଁ | ମାନଙ୍କରେ, ମାନଙ୍କଠାରେ, ମାନଙ୍କଠାଇଁ, ମାନଙ୍କଠେଇଁ, ଗୁଡ଼ିକରେ, ଗୁଡ଼ିକଠାରେ, ଗୁଡ଼ିକଠେଇଁ, ଗୁଡ଼ିକଠି । |

**ବିଭକ୍ତିର ବ୍ୟବହାର :**

**୭.୨.୨ : ପ୍ରଥମା ବିଭକ୍ତି**

(କ) କର୍ତ୍ତା କାରକରେ ପ୍ରଥମା ବିଭକ୍ତି ।

ଯଥା – **ରାମ** ଖାଉଅଛି, **ଗାଈଟି** ଚରୁଅଛି, **ପିଲାମାନେ** ଆସୁଥିଲେ, **ଘୋଡ଼ାଗୁଡ଼ିକ** ଦୌଡୁଛନ୍ତି ।

(ଖ) ସମ୍ବୋଧନରେ ପ୍ରଥମା ବିଭକ୍ତି ।

ଯଥା – **ପ୍ରଧାନେ** ବସନ୍ତୁ, **ବାଳକେ** ବୋଲ ମାନ ।

(ଗ) କ୍ରିୟାପଦ ନଥାଇ କେବଳ ପଦାର୍ଥ ବା ବ୍ୟକ୍ତିକୁ ନିର୍ଦ୍ଦେଶ କରିବା ପାଇଁ ପ୍ରଥମା ବିଭକ୍ତି ।

ଯଥା – ରାମ, ପକ୍ଷୀ, କୀଟ, ଫଳ, ଦେବତା, ଇତ୍ୟାଦି । (କିଏ **ରାମ** କି ?)

(ଘ) କେତେକ ଅବ୍ୟୟ ଯୋଗରେ ପ୍ରଥମା ବିଭକ୍ତି ।

ଯଥା – ଆମ ଗ୍ରାମରେ **ରମା** ବୋଲି ଝିଅଟିଏ ଅଛି ।

(ଙ) କର୍ମବାଚ୍ୟରେ ବାକ୍ୟରେ କର୍ମର ପ୍ରଥମା ବିଭକ୍ତି ।

ଯଥା – ସୀତାଦ୍ୱାରା **ପ୍ରବନ୍ଧଟି** ପାଠ କରାଗଲା ।

(ଚ) ସଂଖ୍ୟାବାଚକ ଶବ୍ଦ ପ୍ରୟୋଗରେ ପ୍ରଥମା ବିଭକ୍ତି ।

ଯଥା – କ୍ରିକେଟ୍ ଖେଳରେ ଗୋଟିଏ ଦଳରେ **ଏଗାରଟି** ଖେଳାଳି ଖେଳିଥାନ୍ତି ।

**୭.୨.୩.: ଦ୍ୱିତୀୟା ବିଭକ୍ତି**

(କ) କର୍ମବାଚ୍ୟରେ ଦ୍ୱିତୀୟା ବିଭକ୍ତି

ଯଥା – ପିଲାମାନେ **ବିଦ୍ୟାଳୟକୁ** ଯାଉଛନ୍ତି ।

(ଖ) ଧିକ୍ ଯୋଗେ ଦ୍ୱିତୀୟା ବିଭକ୍ତି

ଯଥା – **ଦେଶଦ୍ରୋହୀକୁ/କି** ଧିକ୍ ।

(ଗ) ଅତ୍ୟନ୍ତ ସଂଯୋଗ ବା ବ୍ୟାପ୍ତି ଅର୍ଥରେ ମାର୍ଗ ବା କାଳବାଚକ ଶବ୍ଦର ଦ୍ୱିତୀୟ ବିଭକ୍ତି ।

ଯଥା – କୃଷ୍ଣ **ଚାରିଦିନକୁ** କଣ୍ଟକରି ମଥୁରା ଗଲେ । (ଚାରିଦିନ ବ୍ୟାପି)

(ଘ) ନିକଟାର୍ଥକ ଓ ଦୂରାର୍ଥକ ଶବ୍ଦ ଯୋଗରେ ଦ୍ୱିତୀୟା ବିଭକ୍ତି ।

ଯଥା – **କଟକକୁ** ଭୁବନେଶ୍ୱର ତିରିଶି କିଲୋମିଟର ।

(ଙ) 'ଅନୁସାରେ' ଏହି ଅର୍ଥ ବୁଝାଇବାପାଇଁ ଦ୍ୱିତୀୟା ବିଭକ୍ତି ।

ଯଥା – ତା' **କର୍ମକୁ** ଏପରି ଫଳିଲା ।

(ଚ) ବୀପ୍ସା ବା ଦ୍ୱିରୁକ୍ତି ବୁଝାଇବାପାଇଁ ଦ୍ୱିତୀୟା ବିଭକ୍ତି ।

ଯଥା – **ଦିନକୁ** ଦିନ, **ମାସକୁ** ମାସ, **ବର୍ଷକୁ** ବର୍ଷ, **ଘରକୁ** ଘର ।

(ଛ) କର୍ମବାଚ୍ୟ ଓ ଭାବବାଚ୍ୟରେ କର୍ତ୍ତାର ଦ୍ୱିତୀୟା ବିଭକ୍ତି ।

ଯଥା – **ତୁମକୁ** ଆଜି ଘରକୁ ଯିବାକୁ ହେବ । (କର୍ମ ବାଚ୍ୟ)

**ରାମକୁ** ଖେଳି ଆସେ । (ଭାବବାଚ୍ୟ)

(ଜ) ମୂଲ୍ୟ ଅର୍ଥରେ ଦ୍ୱିତୀୟା ବିଭକ୍ତି ।

ଯଥା – **ଟଙ୍କାକୁ** ଖଣ୍ଡେ ପାନ ।

**ଧାନବସ୍ତାକୁ** ହଜାରେ ଟଙ୍କା ।

(ଝ) ଉପଯୁକ୍ତ ବା ତୁଳନା ଅର୍ଥରେ ଦ୍ୱିତୀୟା ବିଭକ୍ତି ।

ଯଥା – **ଯାହାକୁ** ଯିଏ **ବିରିକି** ଚଉଳ ତିନ୍ତେଇ ଦିଏ ।

**୭.୨.୪ : ତୃତୀୟା ବିଭକ୍ତି**

(କ) କରଣକାରକରେ ତୃତୀୟା ବିଭକ୍ତି ।

ଯଥା – ସାମନ୍ତ ଚନ୍ଦ୍ରଶେଖର **କାଠିରେ** ପାହାଡ଼ର ଉଚ୍ଚତା ମାପୁଥିଲେ ।

(ଖ) କ୍ରିୟା ବିଶେଷଣରେ ତୃତୀୟା ବିଭକ୍ତି ।

ଯଥା – ପବନ **ଧୀରେ** ବହୁଛି ।

(ଗ) ମୂଲ୍ୟ ଅର୍ଥରେ ତୃତୀୟା ବିଭକ୍ତି ।

ଯଥା – **ଦଶଟଙ୍କାରେ** କଡ଼ାଏ / ଗୋଟିଏ ନଡ଼ିଆ ।

(ଘ) ବେଶି, ଊଣା, ହୀନ, ସାନବଡ଼ ପ୍ରଭୃତି ଶବ୍ଦ ପ୍ରୟୋଗରେ ତୃତୀୟା ।

ଯଥା – ଶ୍ୟାମବନ୍ଧୁ **ଧନରେ** ବଡ଼ । ସେ **କର୍ମରେ** ହୀନ ।

ହରି ମୋଠାରୁ **ବୟସରେ** ଊଣା, ଗୋପାଳ **ଉଚ୍ଚରେ** ସାନ ।

(ଙ) ନାମ, ଗୋତ୍ର, ଜାତି, ବର୍ଣ୍ଣ, ସ୍ୱଭାବ, ପ୍ରକୃତି ଆଦି ଶବ୍ଦ ଯୋଗରେ ତୃତୀୟା ।

ଯଥା – ବିରାଟଙ୍କ **ନାଁ ରେ** ରାଜ୍ୟକାର୍ଯ୍ୟ ଚାଲୁଥିଲା ।

ସୀତା **ସ୍ୱଭାବରେ** ସରଳ । ସେ **ଜାତିରେ** କରଣ ଅଟେ ।

ନିମ୍ବ **ପ୍ରକୃତିରେ** ପିତା । ସେ **ବର୍ଣ୍ଣରେ** କଳା ।

ସେ **ଗୋତ୍ରରେ** କାଶ୍ୟପ ।

(ଚ) ଅଙ୍ଗ ବିକାରରେ ତୃତୀୟା ।

ଯଥା – ଗୋପାଳ **ପାଦରେ** ଖଞ୍ଜ ।

ହରି **ହାତରେ** କେମ୍ପା ।

(ଛ) କ୍ରିୟା ସମାପ୍ତି ବା ଫଳପ୍ରାପ୍ତି ବୁଝାଇଲେ କାଳ ଓ ମାର୍ଗ ବାଚକ ଶବ୍ଦରେ ତୃତୀୟା ।

ଯଥା – ଦୁଇ **ବର୍ଷରେ** ପୋଲ କାମ ସରିଲା ।

(ଜ) କାରଣ ବା ହେତୁ ଅର୍ଥରେ ତୃତୀୟା ।

ଯଥା – ମୁନି **ଅଭିଶାପରେ** ଯଦୁବଂଶ କ୍ଷୟ ଗଲା ।

ସେ **ରୋଗରେ** କଷ୍ଟ ପାଉଛନ୍ତି ।

(ଝ) ପ୍ରୟୋଜନାର୍ଥକ ଓ ବାରଣାର୍ଥକ ପଦଯୋଗରେ ତୃତୀୟା ।

ଯଥା – ଚରିତ୍ରନଥିଲେ **ଗୁଣରେ** କି ପ୍ରୟୋଜନ ?

ଶାନ୍ତିନଥିଲେ **ଜୀବନରେ** କି ଲାଭ ?

ବୁଦ୍ଧିନଥିଲେ **ବିଦ୍ୟାରେ** କି ଫଳ ?

**୭.୨.୫ : ଚତୁର୍ଥୀ ବିଭକ୍ତି**

(କ) ସଂପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି ।

ଯଥା – ମାନ୍ୟବର ରାଜ୍ୟପାଳ **ଭିନ୍ନକ୍ଷମଙ୍କୁ** ଗାଡ଼ି ଦାନ କଲେ ।

(ଖ) ନିବାରଣ ଅର୍ଥରେ ଚତୁର୍ଥୀ ।

ଯଥା – ଡାକ୍ତର **ରୋଗୀକୁ** ଔଷଧ ଦେଲେ ।

**ମଶାକୁ** ଧୂଆଁ ଦିଅ ।

(ଗ) ନିମିତ୍ତାର୍ଥେ ଚତୁର୍ଥୀ ବିଭକ୍ତି ।

ଯଥା – **ସ୍ୱର୍ଗକୁ** ନିଶୁଣି ନାହିଁ ।

**ବଡ଼ଲୋକକୁ** ଉତ୍ତର ନାହିଁ ।

**୭.୨.୬ : ପଞ୍ଚମୀ ବିଭକ୍ତି**

(କ) ଅପାଦାନ କାରକରେ ପଞ୍ଚମୀ ବିଭକ୍ତି ।

ଯଥା – **ଗଛରୁ** ପତ୍ର ପଡ଼ିଲା ।

(ଖ) ହେତୁ ବା କାରଣ ବୁଝାଇଲେ ପଞ୍ଚମୀ ବିଭକ୍ତି ।

ଯଥା – **ନିଜ ଦୋଷରୁ** ପ୍ରାଣୀ କଷ୍ଟ ପାଏ ।

**ବ୍ୟବହାରରୁ** ବିଦ୍ୟା ଜଣାଯାଏ ।

(ଗ) ଭିନ୍ନ ବା ଅଲଗା ବୁଝାଇଲେ ପଞ୍ଚମୀ ବିଭକ୍ତି ।

ଯଥା – **କଥାରୁ** କାମ ଅଲଗା ହେଲେ ଗଲା ।

(ଘ) ତୁଳନାତ୍ମକ ଭାବେ ଉତ୍‌କର୍ଷ ବା ଅପକର୍ଷ ବୁଝାଇଲେ ପଞ୍ଚମୀ ବିଭକ୍ତି ।

ଯଥା – ସିଂହ **ହାତୀଠାରୁ** ବେଶୀ ବଳବାନ୍ ।

ହୀରା **ସୁନାଠାରୁ** ମୂଲ୍ୟବାନ୍ ।

(ଙ) ଦିଗ ନିର୍ଣ୍ଣୟରେ ଯେଉଁଠାରୁ ଦିଗ ନିର୍ଣ୍ଣୀତ ହୁଏ, ତାହାର ପଞ୍ଚମୀ ବିଭକ୍ତି ହୁଏ ।

ଯଥା – **ପୁରୀଠାରୁ** ପୂର୍ବକୁ ସମୁଦ୍ର ।

**କଟକଠାରୁ** ଦକ୍ଷିଣରେ ପୁରୀ ଅବସ୍ଥିତ ।

(ଚ) ମାର୍ଗ ଏବଂ କାଳର ପରିବ୍ୟାପ୍ତିରେ ପଞ୍ଚମୀ ବିଭକ୍ତି ।

ଯଥା – ଅତୀତରେ ଓଡ଼ିଶା **ଗଙ୍ଗାଠାରୁ** ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

**କାର୍ତ୍ତିକଠାରୁ** ଶୀତ ଆରମ୍ଭ ହୁଏ ।

(ଛ) ଅସମାପିକା କ୍ରିୟା ଲୋପହେଲେ ସେଇ କ୍ରିୟାର କର୍ମ ଓ ଅଧିକରଣ ସ୍ଥାନରେ ପଞ୍ଚମୀ ବିଭକ୍ତି ।

ଯଥା – ସେ **କୋଠାରୁ** ଦେଖୁଛି । (କୋଠାରେ ଚଢ଼ି)

ମୁଁ ତାଙ୍କୁ **ଦୂରରୁ** ଦେଖିଲି । (ଦୂରରେ ରହି)

(ଜ) ରକ୍ଷାର୍ଥ, ପରାଜୟ ଆଦି ଶବ୍ଦ ଯୋଗରେ ପଞ୍ଚମୀ ।

ଯଥା – ଈଶ୍ୱର ତୁମକୁ **ବିପଦରୁ** ରକ୍ଷା କରନ୍ତୁ ।

ତୁମେ ତୁମ **ଭାଷାକୁ** ସଂକଟରୁ ରକ୍ଷା କର ।

କାଞ୍ଚିରାଜା **ପୁରୁଷୋତ୍ତମଦେବଙ୍କଠାରୁ** ପରାସ୍ତ ହୋଇଥିଲେ ।

ପାଣ୍ଡବମାନେ **କୌରବମାନଙ୍କଠାରୁ** ନୀତିବାନ୍ ଥିଲେ ।

**୭.୨.୭ : ଷଷ୍ଠୀ ବିଭକ୍ତି**

କ୍ରିୟା ସହିତ ଏହି ବିଭକ୍ତିର କୌଣସି ସମ୍ବନ୍ଧ ନଥାଏ, ତେଣୁ ଏହାକୁ କାରକର ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଏହା **ସମ୍ବନ୍ଧ ପଦ** ଭାବରେ ପରିଚିତ ।

ଯଥା – **ନଦୀର** ଜଳ, **ହରିର** ବହି, **ଦେଶର** ରାଜା ଇତ୍ୟାଦି ।

ସମ୍ବନ୍ଧ ବିଭିନ୍ନ ପ୍ରକାରର ହୋଇପାରେ । ଯଥା – କାରକ ସମ୍ବନ୍ଧ, ସେବ୍ୟସେବକ ସମ୍ବନ୍ଧ, ଜନ୍ୟଜନକ ସମ୍ବନ୍ଧ, ଆଧାର ଆଧେୟ ସମ୍ବନ୍ଧ, କାର୍ଯ୍ୟକାରଣ ସମ୍ବନ୍ଧ, ବିଶେଷଣ ସମ୍ବନ୍ଧ, ବ୍ୟାପ୍ତି ସମ୍ବନ୍ଧ ପ୍ରଭୃତି ।

**(କ) କାରକ ସମ୍ବନ୍ଧ :**

କାରକ ଛ' ଭାଗରେ ବିଭକ୍ତ, ତେଣୁ ସମ୍ବନ୍ଧପଦ ମଧ୍ୟ ଷଡ଼ବିଧ । ଯଥା;

କର୍ତ୍ତୃ ସମ୍ବନ୍ଧ, କର୍ମ ସମ୍ବନ୍ଧ, କରଣ ସମ୍ବନ୍ଧ, ସଂପ୍ରଦାନ ସମ୍ବନ୍ଧ, ଅପାଦାନ ସମ୍ବନ୍ଧ ଓ ଅଧିକରଣ ସମ୍ବନ୍ଧ ।

**(୧) କର୍ତ୍ତୃ ସମ୍ବନ୍ଧ :**

**ସମୟର** ଗତି ଅନିବାର୍ଯ୍ୟ । ଏଠାରେ ସମୟ ଗତି କରୁଅଛି, ଏହି ପଦଟି କର୍ତ୍ତା; ତେଣୁ 'ସମୟର ଗତି' ପଦଟି କର୍ତ୍ତୃ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି – **ଆମ୍ଭମାନଙ୍କର** କର୍ତ୍ତବ୍ୟ, **ନାଗରିକର** ଅଧିକାର, **ସମୟର** ଆହ୍ୱାନ ଇତ୍ୟାଦି ।

**(୨) କର୍ମ ସମ୍ବନ୍ଧ :**

**ସମସ୍ତେ ବିଦ୍ୟାର ସାଧନା କରିବା ଉଚିତ** । ଏଠାରେ ବିଦ୍ୟାକୁ ସାଧନା କରିବା ଅର୍ଥ ପ୍ରକାଶ କରୁଥିବାରୁ 'ବିଦ୍ୟାର' ପଦଟି କର୍ମସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି  ଅନ୍ୟ ଦୃଷ୍ଟାନ୍ତ ହୋଇପାରିବ – **ଈଶ୍ୱରଙ୍କ** ଉପାସନା, **ଧନର** ଅର୍ଜନ, **ପୁସ୍ତକର** ଅଧ୍ୟୟନ ଇତ୍ୟାଦି ।

**(୩) କରଣ ସମ୍ବନ୍ଧ :**

ଦୁର୍ଯ୍ୟୋଧନ ବାରମ୍ବାର **ଗଦାର** ଆଘାତରେ ମୃତ୍ୟୁ ଲଭିଲେ । ଏଠାରେ 'ଗଦାର ଆଘାତ' ଅର୍ଥ ଗଦାଦ୍ୱାରା ଆଘାତ, ଅର୍ଥାତ 'ଗଦାର' ପଦଟି କରଣ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି – **ରୋଗର** ଯନ୍ତ୍ରଣା, **ଶରର** ଆଘାତ, **କ୍ଷୁଧାର** ପୀଡ଼ା ଇତ୍ୟାଦି ।

**(୪) ସଂପ୍ରଦାନ ସମ୍ବନ୍ଧ :**

**ପୁରୋହିତଙ୍କୁ** ବସ୍ତ୍ର ଦିଅ । ଏଠାରେ 'ପୁରୋହିତଙ୍କୁ ବସ୍ତ୍ର' ଅର୍ଥ ପୁରୋହିତଙ୍କ ପାଇଁ ଉଦ୍ଦିଷ୍ଟ ବସ୍ତ୍ର । ଅର୍ଥାତ୍ 'ପୁରୋହିତଙ୍କ' ପଦଟି ସଂପ୍ରଦାନ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି ଅନ୍ୟ ଦୃଷ୍ଟାନ୍ତ ହେବ – **ଭିକାରିର** ରୁଟି, **ବାଇଆଣୀର** ଭାତ ଓ **କୁକୁରର** ମାଂସ ଇତ୍ୟାଦି ।

**(୫) ଅପାଦାନ ସମ୍ବନ୍ଧ :**

ଏହି ଅଞ୍ଚଳରେ **ହାତୀର** ଭୟ ଅଛି । ଏଠାରେ 'ହାତୀର ଭୟ' ଅର୍ଥ ହେଉଛି 'ହାତୀଠାରୁ ଭୟ', ତେଣୁ 'ହାତୀର ଭୟ' ପଦଟି ଅପାଦାନ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି **ସର୍ପର** ଭୟ, **ଗୁରୁଙ୍କ** ଉପଦେଶ, **ପିତାଙ୍କ** ଭର୍ତ୍ସନା ଇତ୍ୟାଦି ।

**(୬) ଅଧିକରଣ ସମ୍ବନ୍ଧ :**

ତାଙ୍କର **କଳାର** ଅନୁରାଗ ସମସ୍ତଙ୍କୁ ମୁଗ୍ଧ କରେ । ଏଠାରେ 'କଳାର ଅନୁରାଗ' ଅର୍ଥ ହେଉଛି 'କଳାରେ ଅନୁରାଗ' । ତେଣୁ 'କଳାର' ପଦଟି ଅଧିକରଣ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି **ସଂଧ୍ୟାର** ଭ୍ରମଣ, **ଉଦ୍ୟାନର** ଫୁଲ ଓ **ସାୟଂକାଳର** ଭ୍ରମଣ ପ୍ରଭୃତି ।

**(ଖ) ସେବ୍ୟସେବକ ସମ୍ବନ୍ଧ :**

ଯଥା – **ପ୍ରଭୁଙ୍କ** ଭୃତ୍ୟ, **ଦେବଙ୍କ** ଭକ୍ତ ।

**(ଗ) ଜନ୍ୟ ଜନକ ସମ୍ବନ୍ଧ :**

ଯଥା – **ହରିର** ପୁଅ, **କନକର** ଝିଅ, **ପବନର** ପୁତ୍ର ।

**(ଘ) ଆଧାରଆଧେୟ ସମ୍ବନ୍ଧ :**

ଯଥା – **ପୁଷ୍କରିଣୀର** ଜଳ, **ଜମିର** ଧାନ, **ବସ୍ତାର** ଚାଉଳ ।

**(ଙ) କାର୍ଯ୍ୟକାରଣ ସମ୍ବନ୍ଧ :**

ଯଥା – **ପରିଶ୍ରମର** ଫଳ, **ପାପର** ପରିଣାମ, **ପୁଣ୍ୟର** ଫଳ ।

**(ଚ) ବିଶେଷଣ ସମ୍ବନ୍ଧ :**

ଯଥା – **ଗୁଣର** ପିଲା, **ସୁଖର** ଦିନ, **ଆଦରର** କନ୍ୟା ।

**(ଛ) ଅଙ୍ଗାଙ୍ଗୀଭାବ ସମ୍ବନ୍ଧ :**

ଯଥା – **ମଇଁଷିର** ଶିଙ୍ଘ, **ଗାଈର** ଲାଞ୍ଜ, **ହାତୀର** କାନ ।

**(ଜ) ଅଭେଦ ବା ରୂପକ ସମ୍ବନ୍ଧ :**

ଯଥା – **ଜ୍ଞାନର** ପ୍ରଦୀପ, **କ୍ଷମାର** ସାଗର, **କରୁଣାର** ସିନ୍ଧୁ ।

**(ଝ) ବ୍ୟାପ୍ତି ସମ୍ବନ୍ଧ :**

ଯଥା – **ସପ୍ତାହର** ଛୁଟି, **ମାସକର** କାମ, **ଘଣ୍ଟାକର** ପାଠ ।

**(ଞ) ସମାର୍ଥରେ ଷଷ୍ଠୀ ବିଭକ୍ତି :**

ଯଥା – ତାଙ୍କ ସହିତ **ମୋର** ଶତ୍ରୁତା ନାହିଁ ।

ରାମ ଅନୁଜ ଓ **ପତ୍ନୀଙ୍କ** ସହିତ ବଣକୁ ଗଲେ ।

**(ଟ) ବିନା, ପରି, ପ୍ରତି ଆଦି ଶବ୍ଦ ପ୍ରୟୋଗରେ ଷଷ୍ଠୀ ବିଭକ୍ତି :**

ଯଥା – ତୁମ ବିନା **ମୋର** ଗତି ନାହିଁ ।

**ମହାତ୍ମାଗାନ୍ଧୀଙ୍କ** ପରି ଆଉ କିଏ ସହିଷ୍ଣୁ ଅଛି ?

**ଗରିବଙ୍କ** ପ୍ରତି ଦୟା କର ।

**(ଠ) ନିମିତ୍ତାର୍ଥ ଶବ୍ଦ ଯୋଗରେ ଷଷ୍ଠୀ ବିଭକ୍ତି :**

ଯଥା – **ଜଳର** ନିମନ୍ତେ ସେ ନଦୀକୁ ଗଲା ।

**ପୁଣ୍ୟର** ନିମନ୍ତେ ସେ ଦାନ କରୁଅଛି ।

**(ଡ) ନିର୍ଦ୍ଧାରଣରେ ଷଷ୍ଠୀ ବିଭକ୍ତି :**

(ଗୋଟିକର ଗୁଣ ବା ଦୋଷଦ୍ୱାରା ଅନ୍ୟଠାରୁ ପୃଥକ କରି ନିର୍ଦ୍ଧାରଣ କଲେ ଷଷ୍ଠୀ ବିଭକ୍ତି ହୁଏ ।)

ଯଥା – କାଳିଦାସ **କବିମାନଙ୍କର** ମଉଡ଼ମଣି ।

ସିଂହ **ପଶୁମାନଙ୍କର** ରାଜା ।

**୭.୨.୮ : ସପ୍ତମୀ ବିଭକ୍ତି**

(କ) ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ ।

ଯଥା – **ବର୍ଷାକାଳରେ** କଦମ୍ବ ଫୁଟେ ।

**ପୁଷ୍କରିଣୀରେ** ପଦ୍ମ ଫୁଟିଅଛି ।

(ଖ) ଭାବେ ସପ୍ତମୀ ।

ଯଥା – ସୂର୍ଯ୍ୟ **ଉଦୟରେ** ପଦ୍ମ ଫୁଟେ । (ଉଦୟ ହେଲେ)

ବର୍ଷା **ଆଗମନରେ** କୃଷକ ଆନନ୍ଦିତ ହୁଅନ୍ତି ।

(ଗ) ବୀପ୍ସାର୍ଥରେ ବା ପୁନଃପୁନଃ ଉଲ୍ଲେଖ ସ୍ଥଳରେ ସପ୍ତମୀ ।

ଯଥା – **ଦେଶେଦେଶେ** ଆଜି ଓଡ଼ିଶୀ ନୃତ୍ୟ ବ୍ୟାପି ଗଲାଣି ।

**ଘରେଘରେ** ବିଜୁଳିବତି ଜଳିଲାଣି ।

(ଘ) ପ୍ରୟୋଜନାର୍ଥକ ଶବ୍ଦ ଯୋଗରେ ସପ୍ତମୀ ।

ଯଥା – ସନ୍ନ୍ୟାସୀର **ଧନରେ** କି ପ୍ରୟୋଜନ ?

ନାସ୍ତିକର **ବିଗ୍ରହରେ** କି ପ୍ରୟୋଜନ ?

(ଙ) ଅନ୍ୟୋଽନ୍ୟ ସାଦୃଶ୍ୟ ଓ ଅସାଦୃଶ୍ୟରେ ସପ୍ତମୀ ।

ଯଥା – **ଭାଇଭାଇରେ** କଳି । (ଅନ୍ୟୋଽନ୍ୟ ସାଦୃଶ୍ୟ ଅର୍ଥରେ)

ଘରେ ବାହାରେ ନିନ୍ଦା । (ଅନ୍ୟୋଽନ୍ୟ ଅସାଦୃଶ୍ୟ ଅର୍ଥରେ)

(ଚ) ସାଧୁ, ନିପୁଣ, କୁଶଳ, ପଟୁ, ଦକ୍ଷ ଆଦି ଶବ୍ଦ ଯୋଗରେ ସପ୍ତମୀ ।

ଯଥା – ସେ **ବ୍ୟାକରଣରେ** ପଟୁ ।

ରାମ **ସଙ୍ଗୀତରେ** ନିପୁଣ ।

**୧.୩ :** ପ୍ରାଚୀନ ପ୍ରୟୋଗ ଓ ସାଂପ୍ରତିକ କାଳର ବ୍ୟବହାରରେ ଓଡ଼ିଆ ବିଭକ୍ତିରେ କେତେକ ପାର୍ଥକ୍ୟ ପରିଦୃଷ୍ଟ ହୁଏ । ଯଥା – ଦ୍ୱିତୀୟା ବିଭକ୍ତିରେ ସଂପ୍ରତି କୁ, ଙ୍କୁ, ମାନଙ୍କୁ, କି, ଙ୍କି ଇତ୍ୟାଦି ବ୍ୟବହୃତ ହେଉଥିବା ସ୍ଥଳେ ପ୍ରାଚୀନ ପ୍ରୟୋଗରେ 'ନ୍ତ'ର ପ୍ରୟୋଗ ଦେଖିବାକୁ ମିଳେ ଯଥା – ଆମ୍ଭନ୍ତ (ଆମ୍ଭମାନଙ୍କୁ), ତୁମ୍ଭନ୍ତ (ତୁମ୍ଭମାନଙ୍କୁ) ଇତ୍ୟାଦି । ସେହିପର 'କୁ' ସ୍ଥାନରେ 'କଇ' 'କଇଂ' , କେଁ ଆଦିର ବ୍ୟବହାର ରହିଅଛି ଯଥା – 'ତାହାକୁ' ସ୍ଥାନରେ ତାହାକଇ, ତାହାକଇଂ; ତାହାକେ, ତାହାକେଁ ଇତ୍ୟାଦି ।

**୧.୪ :** ବିଭକ୍ତି ଚିହ୍ନଗୁଡ଼ିକର ଗଠନ ଦୃଷ୍ଟିରୁ ଏଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଯଥା – ମୌଳିକ ବା ସ୍ୱରମୂଳକ ଏବଂ ଅନୁସର୍ଗାତ୍ମକ ବା ବ୍ୟଞ୍ଜନମୂଳକ । ଏ, ଏଁ, ଏଣ, ଉ, ଉଁ ଇତ୍ୟାଦି ସ୍ୱର ମୂଳକ ଏବଂ କୁ, ଟି, ଟା, ରେ, ଦ୍ୱାରା, ର, ରେ, ରୁ ଇତ୍ୟାଦି ବ୍ୟଞ୍ଜନମୂଳକ । କେତେକ ବ୍ୟାକରଣକାର ବିଶ୍ୱାସ କରନ୍ତି ଯେ – ପ୍ରଥମେ ଏହି ସ୍ୱରମୂଳକ (ମୌଳିକ) ବିଭକ୍ତି ଚିହ୍ନଗୁଡ଼ିକର ପ୍ରଚଳନ ରହିଥିଲା ଓ ପରବର୍ତ୍ତୀ ସମୟରେ ଅନୁସର୍ଗାତ୍ମକ ବା ବ୍ୟଞ୍ଜନମୂଳକ ବିଭକ୍ତି ଚିହ୍ନର ପ୍ରଚଳନ ଘଟିଅଛି ।

ନିମିତ୍ତ, ସକାଶ, ଦେହି, ଦେଇ, କର୍ତ୍ତୃକ ଆଦି କେତେକ ଶବ୍ଦ ବିଭକ୍ତି ଚିହ୍ନ ଭାବରେ ଓଡ଼ିଆ ଭାଷାରେ ପ୍ରଚଳିତ ।

## ଅନୁଶୀଳନୀ

୧. ବିଭକ୍ତି କାହାକୁ କହନ୍ତି ? ଏହା କେତେ ପ୍ରକାର ଉଦାହରଣ ସହିତ ଲେଖ ।

୨. ଓଡ଼ିଆ ବିଭକ୍ତି ଚିହ୍ନଗୁଡ଼ିକୁ ଦର୍ଶାଇ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

୩. ଦ୍ୱିତୀୟା ବିଭକ୍ତି ଓ ଚତୁର୍ଥୀ ବିଭକ୍ତି ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହିତ ଦର୍ଶାଅ ।

୪. ସମ୍ବନ୍ଧର ପ୍ରକାର ଭେଦ ଦର୍ଶାଇ ପ୍ରତ୍ୟେକରୁ ଗୋଟିଏ ଉଦାହରଣ ଦିଅ ।

୫. ସ୍ଥୂଳାକ୍ଷର ବିଶିଷ୍ଟ ପଦମାନଙ୍କର ବିଭକ୍ତି ସକାରଣ ନିର୍ଣ୍ଣୟ କର ।

(i) **ତାଙ୍କ** ସହିତ ମୋର ବିରୋଧ ନାହିଁ ।

(ii) ବିରାଡ଼ି **କପାଳକୁ** ଶିକା ଛିଡ଼ିଲା ।

(iii) ମୂର୍ଖ **କାହିଁରେ** ବଶ ହୁଏ ନାହିଁ ।

(iv) ହରିଣ **ବେଗରେ** ଦୌଡ଼ିପାରେ ।

(v) ବୁଢ଼ାଟି **ଶୀତରେ** ଥରୁଛି ।

(vi) **ବଳଠାରୁ** ବୁଦ୍ଧି ବେଶୀ ଦରକାର ।

(vii) **ପୁରେପୁରେ** ଉତ୍ସବ ଲାଗି ରହିଛି ।

(viii) ଗାଡ଼ିଟି **ଧୀରେ** ଚାଲୁଛି ।

୬. ବାକ୍ୟ ମାଧ୍ୟମରେ ଉଦାହରଣ ଦିଅ ।

(i) ସମ୍ବୋଧନରେ ପ୍ରଥମା ବିଭକ୍ତି ।

(ii) 'ଧିକ୍' ଯୋଗେ ଦ୍ୱିତୀୟା ବିଭକ୍ତି ।

(iii) ମୂଲ୍ୟ ଅର୍ଥରେ ଦ୍ୱିତୀୟା ବିଭକ୍ତି ।

(iv) ବ୍ୟାପ୍ତି ଅର୍ଥରେ ପଞ୍ଚମୀ ବିଭକ୍ତି ।

(v) ଭାବେ ସପ୍ତମୀ ବିଭକ୍ତି ।

(vi) ଅବ୍ୟୟ ଯୋଗରେ ପ୍ରଥମା ବିଭକ୍ତି ।

(vii) କ୍ରିୟା ବିଶେଷଣରେ ତୃତୀୟା ବିଭକ୍ତି ।

(viii) ନିବାରଣ ଅର୍ଥରେ ଚତୁର୍ଥୀ ବିଭକ୍ତି ।

❖❖❖